# "ମୁଁ ମୋର ପରିବାରରେ ଅର୍ଥାତ୍ ମା, ଭଉଣୀ କାହାକୁ ନପଗ୍ଭରିବା ପାଇଁ" !

ମୁଁ ରମାକାନ୍ତ ସାହୁ (ଛଦ୍ମନାମ) । ଘର ବୁଗୁଡ଼ା ଥାନା ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ । ପିଲାବେଳୁ ବହୁ କଷ୍ଟରେ ଅନ୍ୟପାଖରେ କାମଧନ୍ଦା କରି ଲେବର ମଜ୍‌ଦୁର୍ କରି ଚଳୁଥିଲି । ବହୁକଷ୍ଟରେ ନିଜର ପେଟ ଗ୍ଭଖଣ୍ଡକ ପୋଷିବା ସହିତ ଘରେ ମା' ଓ ଭଉଣୀଙ୍କର ଦେଖାଶୁଣା ମଧ କରୁଥିଲି । ଇତି ମଧରେ ଏକ ଜଳଖିଆ ଦୋକାନରେ ରହି ପ୍ଲେଟ୍ ଧୋଇବା ସହିତ ଧିରେ ଧିରେ କାମ ଶିକ୍ଷା କରୁଥିଲି । ଏହାପରେ ମୋର ଜଣେ ନିକଟ ସମ୍ପର୍କୀୟଙ୍କର ଜଳଖିଆ ଦୋକାନରେ କାମ କରିବାର କିଛି ବର୍ଷପରେ ସେ ଜଳଖିଆ ଦୋକାନ ବନ୍ଦକରିଦେଲେ । ମୁଁ ତାଙ୍କୁ କହିଲି ଯେ, ସେହି ଜଳଖିଆ ଦୋକାନ ମୁଁ କରିଚଳାଇବି । ସେ ମୋ କଥାରେ ରାଜି ହୋଇଥିଲେ ଏବଂ ସେହି ଦିନଠାରୁ ଭୁବନେଶ୍ୱରର ରାଜମହଲ ଛକଠାରେ ଜଳଖିଆ ଦୋକାନଟି ଚଳାଇ ଆସୁଛି । ଜଳଖିଆ ଦୋକାନ ଚଳାଇ ଆସୁଥିବାବେଳେ ଜଣେ ଗ୍ରାହକଙ୍କ କଥାରେ ଏକମତ ହୋଇ ମୁଁ ଯାଇଥିଲି ଶିଖର ଚଣ୍ଡିରେ ଜଣେ ଝିଅକୁ ଦେଖିବାପାଇଁ । ମୁଁ ସମ୍ପୂର୍ଣ୍ଣ ଏକୁଟିଆ ଏବଂ ମୋ ପାଇଁ ବାହାଘର ଠିକ୍ କରିବା ପାଇଁ କୌଣସି ଲୋକ ନଥିଲେ । ତେଣୁ ନିଜର ଭାଗ୍ୟ ମତେ ନିଜକୁ ସ୍ଥିର କରିବାକୁ ପଡ଼ିଥିଲା । ବିବାହ ପାଇଁ ମୁଁ ରାଜି ହୋଇଥିଲି ଏବଂ ୧୯୯୮ ମସିହା ଜୁନ୍ ମାସ ୬ ତାରିଖ ଦିନ ବୈଦିକ ରିତିରେ ମୋର ବାହାଘର ସମ୍ପର୍ଣ୍ଣ ହୋଇଥିଲା । ବାହାଘର କିଛିଦିନ ବେସ୍ ସବୁକିଛି ସୁରୁଖୁରୁରେ ଗ୍ଭଲୁଥିଲା । ଆମର ଏକ କନ୍ୟା ସନ୍ତାନ ମଧ ହେଲା । ମୋର ସ୍ତ୍ରୀ ସର୍ବଦା ଗ୍ଭହୁଁଥିଲା ଯେ, "ମୁଁ ମୋର ପରିବାରରେ ଅର୍ଥାତ୍ ମା, ଭଉଣୀ କାହାକୁ ନପଗ୍ଭରିବାପାଇଁ" । କିନ୍ତୁ ତାହା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । କାରଣ ମୋର ଯାହା ହେଲେ ମଧ ପରିବାର ପାଇଁ କର୍ତ୍ତବ୍ୟ ରହିଛି । ଇତି ମଧରେ ମୁଁ ସ୍ତ୍ରୀପାଇଁ ପାଞ୍ଚଲକ୍ଷ ଟଙ୍କାରୁ ଉର୍ଦ୍ଧ ସୁନା ଗହଣା ଓ ଦୁଇ ଲକ୍ଷ ଟଙ୍କାର ଉର୍ଦ୍ଧ ଫିକ୍ସ୍ ଡିପୋଜିଟ୍ ସ୍ତ୍ରୀ ନାମରେ ରହିଛି । ମୁଁ ପଇସାପତ୍ର ମୋର ପରିବାରକୁ ଦେଇ ଦେବି କିମ୍ବା ନିଜେ ରଖିଦେବି ବୋଲି ଭାବି ସର୍ବଦା ସ୍ତ୍ରୀ ଆସି ଦୋକାନରେ ବସୁଛି । ମତେ ମୋର ରୋଜଗାରର ଗୋଟିଏ ଟଙ୍କା ମଧ ହାତକୁ ଧରିବା ପାଇଁ ଦେଉ ନାହିଁ । ଦଶ ଟଙ୍କା ମଧ ଖର୍ଚ୍ଚ କରିବାକୁ ହେଲେ ମୋତେ ମାଗିକି ନେବାକୁ ପଡୁଛି । ସବୁଠାରୁ ଦୁଃଖର କଥା ହେଲା, ଭୋକ ଲାଗୁଥିଲେ ମଧ ଯଦି ଅଧିକଟିକେ ଜଳଖିଆ ମୁଁ ଖାଇଦିଏ, ସେଥିରେ ମୁଁ ଗାଳି ଶୁଣିବାକୁ ପଡୁଛି । ବର୍ତ୍ତମାନ ଏହି ଘଟଣା ଗୁଡ଼ିକୁ ମୋତେ ବେଳେବେଳେ ଆତ୍ମହତ୍ୟା କରିବା ପାଇଁ ଖୋରାକ୍ ଯୋଗାଉଛି । ଇତି ମଧରେ ମୁଁ ଭୁବନେଶ୍ୱରର ମହିଳା ଥାନା ଏବଂ ମହିଳା କମିଶନ୍‌ରେ ଜଣାଇଥିଲେ ମଧ କେହି ମୋତେ ସାହାଯ୍ୟ କରିପାରିବେ ନାହିଁ ବୋଲି ସିଧା ସିଧା ମନା କରି ଦେଉଛନ୍ତି । ମୁଁ ଏବେ ଜଣେ କ୍ରିତଦାସ ପରି ବଞ୍ଚୁଛି । ଏହା କ'ଣ ଏକ ପୁରୁଷ ନିର୍ଯ୍ୟାତନାର ଜ୍ୱଳନ୍ତ ଉଦାହରଣ ନୁହେଁ କି... ... ?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।